# ପାଠ-୩-କବିତା : ଚିଲିକାରେ ସାୟନ୍ତନ

## କବି- କବିବର ରାଧାନାଥ ରାୟ

## ଶ୍ରେଣୀ – ଦଶମ

## ଦ୍ୱିତୀୟ ଦିନ

**General Objectives -** ସାଧାରଣ ଆଭିମୁଖ୍ୟ :

ଚିଲିକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ସାନ୍ଧ୍ୟକାଳୀନ ଦୃଶ୍ୟରାଜି କବିଙ୍କ ମନରେ ଭାବାନ୍ତର ସୃଷ୍ଟି କରିଛି । ଚିଲିକାର ସନ୍ଧ୍ୟାକାଳୀନ ମନୋରମ ଦୃଶ୍ୟ

**Specific Objectives -** ବିଶେଷ ଆଭିମୁଖ୍ୟ :

କବି ରାଧାନାଥଙ୍କ ଜୀବନୀ ଓ ସାହିତ୍ୟ କୃତି,

ପାଣ୍ଡିତ୍ୟ ଓ କବିଙ୍କର ଉଚ୍ଚକୋଟୀର ନିଦର୍ଶନ,

ଚିଲିକାର ପ୍ରାକୃତିକ ଦୃଶ୍ୟ,

ପ୍ରକୃତିକୁ ନାୟିକା କରିବାରେ କବିଙ୍କର ସିଦ୍ଧହସ୍ତତା ସଂପର୍କରେ ଜ୍ଞାନ ।

ଜାତୀୟ ଭାବନାର ଉଦ୍‌ବେଳନ,

ଜୀବନ ପ୍ରତି ଶାଶ୍ୱତ ବାର୍ତ୍ତା ଓ କବିଙ୍କ ସୌନ୍ଦର୍ଯ୍ୟ ବୋଧ ସଂପର୍କରେ ଜ୍ଞାନ ।

ବ୍ୟାକରଣଗତ ଶବ୍ଦ, ନୂତନ ଶବ୍ଦ ଏବଂ ଶୁଦ୍ଧ ଓ ସ୍ୱଷ୍ଟ ଲିଖନ ।

କବିତା ଆବୃତ୍ତି ଶୈଳୀ ସଂପର୍କରେ ଅଧିକ ତଥ୍ୟ ।

ODM EDUCATIONAL GROUP
Changing your Tomorrow

**Learning Outcome :**

*ପ୍ରକୃତି ଏବଂ ପ୍ରାକୃତିକ ପରିବେଶକୁ ଭଲ ପାଇବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ।

* ଲୋଭ ଏବଂ ଅଜ୍ଞାନତା ହିଁ ସର୍ବନାଶର କାରଣ । ତେଣୁ ଜୀବନରେ ଲୋଭ କରିବା ଅନୁଚିତ୍ ।

* ଈଶ୍ୱରଙ୍କ ଅନବଦ୍ୟ ସୃଷ୍ଟି ପ୍ରକୃତି – ଏହି ମୂଲ୍ୟବୋଧ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଜାଗ୍ରତ କରାଇବା ।

* ଆଲୋଚ୍ୟ କବିତା ମାଧ୍ୟମରେ ଆଧୁନିକ ଯୁଗର କବି – କବିବର ରାଧାନାଥ ରାୟଙ୍କ ଜୀବନୀ ଓ ସାହିତ୍ୟ କୃତି ସଂପର୍କରେ ଅବଗତ କରାଇବା ।

* ପ୍ରକୃତି ଭିତରେ ମାନବୀୟ ଆବେଗ ଏବଂ ସମ୍ବେଦନଶୀଳତା କିପରି ମାନବର ସୁଖ ଦୁଃଖରେ ସହଭାଗିତା ହୋଇଥାଏ ତାହା ଛାତ୍ରଛାତ୍ରୀମାନଙ୍କ ଭିତରେ ଅବଗତ କରାଇବା ।

ODM EDUCATIONAL GROUP
Changing your Tomorrow

## ପୂର୍ବପାଠର ଆଲୋଚନା :

୧. ରାଧାନାଥ ରାୟ କେଉଁ ଯୁଗର କବି ଥିଲେ ?

୨. ସେ କେଉଁ ଠାରେ ଜନ୍ମଗ୍ରହଣ କରିଥିଲେ ?


୩. ତାଙ୍କର ୪ଟି ସାହିତ୍ୟକୃତିର ନାମ କୁହ ?

୪. ଚିଲିକା କେଉଁ କାବ୍ୟ ?

୫. ଓଡିଆ ସାହିତ୍ୟର ପ୍ରଥମ ପ୍ରବନ୍ଧର ନାମ କ'ଣ ?

ODM EDUCATIONAL GROUP
Changing your Tomorrow

ପ୍ରାଚୀ-ମୂଳ ଏବେ ମୀନଜୀବୀ ନାବେ
ଛାୟାକାରେ ଚିତ୍ର ଦିଶେ ଠାବେ ଠାବେ,
ମତ୍ସ୍ୟ ଧରି ସେହୁ ସମୁଦ୍ର ମୁହାଣେ
ନିଜ ଗୃହ କଥା ଭାବି ଏକଧ୍ୟାନେ,
ଭାଲେରି ଶିଖରେ ସନ୍ଧ୍ୟା-ତାରା ଦେଖି
ଆସନ୍ତି ପଟିକା ମହୋଲ୍ଲାସେ ଟେକି,



ODM EDUCATIONAL GROUP
Changing your Tomorrow

ତାଙ୍କ କଣ୍ଠୁ-କବିସୂର୍ଯ୍ୟ-ଗୀତାମୃତ

ଦୂରୁଁ ବହି ଆଣେ ଚିଲିକା-ମାରୁତ,

ଉଲ୍ଲାସର ଆତ୍ମା ପ୍ରାୟେ ଗୀତ-ତାନ


ହ୍ରଦ-ନୀଳ-ବକ୍ଷେ କରେ ଅଧିଷ୍ଠାନ,

ହସନ୍ତି ଚୌଦିଗେ ମଧୁର-ହାସିନୀ,

ଦିଗଙ୍ଗନା ଜ୍ୟୋତ୍ସ୍ନା-ଦୁକୂଳ-ବାସିନୀ,

ଭାବାନ୍ତର ପୁଣି କ୍ଷଣେ କରେ ଜାତ

"ଗଲାଣି ତ ଗଲା କଥାରେ ସଙ୍ଗାତ",



ଚିଲିକାର ସନ୍ଧ୍ୟାକାଳୀନ ମନୋରମ ଦୃଶ୍ୟ ବର୍ଣ୍ଣନା ।

ପ୍ରାଚୀ – ମୂଳ ......................................କରେ ଅଧିଷ୍ଠାନ ।

ପଦଗୁଡ଼ିକର ବ୍ୟାଖ୍ୟା କରାଯିବ ।

ମୀନଜୀବୀ ମାନଙ୍କର ସନ୍ଧ୍ୟା–ତାରା ଦେଖି ଆନନ୍ଦ କରେ ଘରକୁ ଫେରିବାର ଦୃଶ୍ୟ ।

ପୋତପାଳ ମଶାଲ ଜାଳିବାର ଦୃଶ୍ୟ ବର୍ଣ୍ଣନା ।

ODM EDUCATIONAL GROUP
Changing your Tomorrow

**ଶବ୍ଦାର୍ଥ:**

ପ୍ରାଚୀ - ପୂର୍ବଦିଗ

ଭାଲେରି - ପର୍ବତର ନାମ

ପଟିକା - ପାଲ

ସମୁଦ୍ର ମୁହାଣ – ମହୋଲ୍ଲାସେ – ଖୁବ୍ ଆନନ୍ଦରେ

ପୋତପାଳ – ନୌକା ବାହାକ

ଆବେଶ - ବିହ୍ୱଳ

## ଗୃହକର୍ମ :

କବିତାରେ ଥିବା କଷ୍ଟ ଶବ୍ଦ ଗୁଡିକୁ ବାଛି ଲେଖ ।

ବ୍ୟାକରଣ ଗତ ଶବ୍ଦଗୁଡିକୁ ଅଭ୍ୟାସ କର । ୫ଟି ବସ୍ତୁନିଷ୍ଠ ପ୍ରଶ୍ନ ପ୍ରସ୍ତୁତ କର ।

ODM EDUCATIONAL GROUP
Changing your Tomorrow

# THANKING YOU

# ODM EDUCATIONAL GROUP

ODM
EDUCATIONAL GROUP
Changing your Tomorrow